# ଶଙ୍କାପଞ୍ଚକ

● ଶ୍ରୀ ସୂର୍ଯ୍ୟନାରାୟଣ ରଥଶର୍ମା

ସାଧାରଣତଃ ଭକ୍ତ ଓ ଜିଜ୍ଞାସୁଙ୍କ ମନରେ ଜାଗ୍ରତ ଥିବା ନିମ୍ନ ପାଞ୍ଚ ଗୋଟି ଶଙ୍କାର ଉତ୍ତର ପ୍ରଦାନ କରାଗଲା ।

**୧. ଜଗନ୍ନାଥ ଦାରୁ ବା କାଷ୍ଠରେ ନିର୍ମିତ ହେଲେ କାହିଁକି ?**

ଶାସ୍ତ୍ର ମତରେ ସଂସାର ଗୋଟିଏ ବୃକ୍ଷ । ବୃକ୍ଷ ବୋଇଲେ ଦାରୁ । ଦିବ୍ୟ ଶରୀରରୁ ଆତ୍ମା ଚାଲିଗଲେ ଏ ଦେହ ଦାରୁରେ ପରିଣତ ହୁଏ । ସୂତିକା ଗୃହରେ ପିଲା ଜନ୍ମ ହେଲେ ପ୍ରୟୋଜନ ହୁଏ ଦାରୁ ସେକିବା ପାଇଁ । ପ୍ରତିଦିନ ଅନ୍ନ ପାଇଁ ଲୋଡ଼ା ଦାରୁ । ଦାରୁ ଘଷି ହୋଇ ଅଗ୍ନି ବାହାରେ । ତେଣୁ ଦାରୁ ହିଁ ଅଗ୍ନିବ୍ରହ୍ମଙ୍କର ନିବାସ । ମରଣରେ ଦାରୁଦେହ ଦାରୁଯୁକ୍ତ ଅଗ୍ନିରେ ଅନ୍ତ ହୁଏ ।

ସଂସାର ଏକ ସମୁଦ୍ର । ଏ ଘୋର ସଂସାର ସମୁଦ୍ରକୁ ପାରି ହେବା ପାଇଁ ଦରକାର ଦାରୁର ଡ଼ଙ୍ଗା । ଜଗତରେ ଯେତେ ଦ୍ରବ୍ୟ ଅଛି ଅଗ୍ନିରେ ପଡ଼ିଲେ ଜଳିବ, ଗରମ ହୋଇଯିବ । ତାକୁ ଛୁଇଁ ହେବ ନାହିଁ, କିନ୍ତୁ ଏକମାତ୍ର ଦ୍ରବ୍ୟ କାଷ୍ଠ ଯାହାର ଏକ ପାର୍ଶ୍ୱରେ ଜଳୁଥିବ ତ ଅପର ପାର୍ଶ୍ୱ ଶୀତଳ ଥିବ । ତେଣୁ ଦାରୁରେ ହିଁ ବ୍ରହ୍ମର ଗୁଣ ରହିଛି । ସେ ତେଜ ଓ ଶୀତଳ । ତେଣୁ ସ୍କନ୍ଦ ପୁରାଣରେ କୁହାଯାଇଛି - ଏହା ଏକ ଗୁପ୍ତ ମୂର୍ତ୍ତି । ଏହା ସାଧାରଣ ଦୃଷ୍ଟିରେ ବିଚାର କରିବାର ନୁହେଁ- 'ପ୍ରଚ୍ଛନ୍ନବପୁରେତସ୍ୟ କ୍ଷେତ୍ରଂ ନାସ୍ୟ ବିଚାରୟେତ୍' । ଦାରୁ 'ନୀଳମଣି ପୁରାଣ' ନାମକ ଏକ ଅପ୍ରକାଶିତ ଅସଂପାଦିତ ପୁସ୍ତକର ତାଳପତ୍ର ଲିଖିତ ପାଣ୍ଡୁଲିପିରେ ଦାରୁ ସଂପର୍କରେ ବୃକ୍ଷ ନିରୁପଣାଧ୍ୟାୟରେ ଏହିପରି ବର୍ଣ୍ଣନା ଦେଖିବାକୁ ମିଳେ :-

**ଏବଂ ଜୀବନ ଦ୍ରୁମସ୍ୟ ସତାତ୍ମା ବିଲୟାନ୍ତରେ**
**ସଦେହ ଭବତି ଦାରୁ ଦହନାର୍ଥ ବିଶେଷତଃ ॥**
**ଜନ୍ମେ ସୂତିକା ଗେହେତ ତାପନାର୍ଥେ ପ୍ରୟୋଜନ**
**ଅନ୍ନ ପ୍ରାଣମୟ ସାକ୍ଷାତ୍ ଦାରୁ ପ୍ରଚନ କାରଣଃ ॥**
**ତାରଣାର୍ଥେ ଭବାବ୍ଧୌଚ ଦାରବୀ ଉଡୁପ ତଥା**
**ଦେହବଶାନେ ଦାହାର୍ଥେ ଦାରୁ ଅନ୍ତିମ ଦ୍ରାବକ ॥**
**ତୈଜସ ଶୀତଳଂ ଯତ୍ର ସହ ତିଷ୍ଠନ୍ତି ଦାରବେ**
**ଘର୍ଷଣେ ପ୍ରଭବନ୍ତିଚ ବହ୍ନି ବ୍ରହ୍ମାଗ୍ନି ରୂପିଣଃ ॥**
**ବ୍ରହ୍ମ ସତ୍ତ୍ୱମୟ ଦାରୁଂ ସର୍ବ-କର୍ମେ ପ୍ରୟୋଜନଂ**
**ତାରକଂ ଦ୍ରାବକଂ ସୌଖ୍ୟଂ ତଥୈବ ଦାରବୀତନୁଃ ॥**

**ସଂସାର ତାରକ ଦେବଃ ପାବନ ପୁରୁଷୋତ୍ତମ ।**

**୨. ଲିମ୍ବଗଛ ଦାରୁ ହେଲା କାହିଁକି ?**

ଲିମ୍ବ ଏକ ପବିତ୍ର ବୃକ୍ଷ, ପିପ୍ପଳ, ବଟ, ପଳାସ ଓ ବିଲ୍ୱ ପରି । କିନ୍ତୁ ଲିମ୍ବରେ ଭଗବତ୍ ସତ୍ତା ଅଛି । ମଳୟ ଲାଗିଲେ ତାହା ମଧୁର ହୁଏ, ଚନ୍ଦନରେ ପରିଣତ ହୁଏ ।

**ନିମ୍ବମଳୟ ସଂଯୋଗେ ମହାଗନ୍ଧତରୁର୍ଭବେତ୍ ।**

ଆତ୍ମଦର୍ଶନ ଦିଗରୁ ବିଚାରିଲେ ପୂର୍ବାଚାର୍ଯ୍ୟଗଣ କହନ୍ତି- ଜୀବନ, ଶରୀର, ଧନ ଯୌବନ ସବୁ ପିତା । ସମସ୍ତଙ୍କର ପରିଣତି ଦୁଃଖପୂର୍ଣ୍ଣ । କିନ୍ତୁ ଲିମ୍ବ ପ୍ରଥମରୁ ପିତା, ତାହାର ପରିଣାମ ମିଠା । ତେଣୁ ଲିମ୍ବରେ ମିଠା ଅଛି । 'ମଧୁରଂବୈ ବ୍ରହ୍ମ' । ପୂର୍ବୋକ୍ତ ନୀଳମଣି ପୁରାଣରେ ଅଛି-

**ଜୀବନ ବପୁ ସମ୍ପଦଃ ଯୌବନ ତିକ୍ତ କେବଳଂ**
**ଆଦ୍ୟାନୁକୂଳ ମିଷ୍ଟଞ୍ଚ ପରିଣାମ ବୈଦୁଷ୍କରଂ**
**ମହାଦାରୁମୟ ବ୍ରହ୍ମ ଆଦ୍ୟେ ତିକ୍ତାଂନ୍ତେ ମିଷ୍ଟତାଃ**
**ଅପବର୍ଗାଣି ସର୍ବାଣି ବାରଣାର୍ଥ ଇଦଂ ବପୁଃ**
**ଅଘ ବିନାଶକ ମିଷ୍ଟ ମୋକ୍ଷ ଭୁକ୍ତି ପ୍ରଦାୟକଃ**
**ସର୍ବବାଧାହର ଦାରୁ ଲିମ୍ବେଣ ମହତି ତନୁଃ ।**

ଏହା ମଧ୍ୟ ଜାଣନ୍ତି ଯେ, ଭାରତୀୟ ଶୁଭ କର୍ମରେ ଲିମ୍ବଡ଼ାଳ ପୋତାଯାଏ । ଦୁର୍ଯୋଗ ନାଶ ନିମନ୍ତେ । ଜଗନ୍ନାଥ ସମସ୍ତ ଅପବର୍ଗ ଦୁର୍ଯ୍ୟୋଗର ନାଶକାରୀ, ତେଣୁ ନିମ୍ବଗଛରେ ସେ ନିର୍ମିତ ହେଲେ । ପ୍ରଥମେ ଅପୌରୁଷେୟ କାଷ୍ଠ ଦୈବୀବଳରେ ଭାସି, ଆସିଥିଲା । ତାହାହିଁ ମଧୁରାତ୍ମକ ବସ୍ତୁ, ଯାହା ପ୍ରତିମୂର୍ତ୍ତିରେ ସର୍ବଦା ରହିଆସିଛି । ଉପରକୁ ପ୍ରଭୁ ପିତା କିନ୍ତୁ ଭିତରକୁ ମିଠା ବା ଦିବ୍ୟ ଅଟନ୍ତି । ତେଣୁ ବ୍ୟାସ ସାହିତ୍ୟରେ ଏହି ଦାରୁମୂର୍ତ୍ତିକୁ ସମର୍ଥନ କରାଯାଇଛି । ମୁଖ୍ୟତଃ ଏହା ଶାବର ମତର ପବିତ୍ର ବୃକ୍ଷ ଅଟେ । ଶବର ମାନଙ୍କର ଲିମ୍ବ ପବିତ୍ର ବୃକ୍ଷ ଅଟେ ।

**୩. କୋଇଲି ବୈକୁଣ୍ଠ କ'ଣ ?**

ପୁରୀ ସ୍ୱର୍ଗଦ୍ୱାର ଯେପରି ଏକ ପବିତ୍ର ସ୍ଥାନ, କୋଇଲି ବୈକୁଣ୍ଠ ମଧ୍ୟ ସେପରି ଏକ ପବିତ୍ର ସ୍ଥାନ । ଏହା କୈବଲ୍ୟ ଶବ୍ଦର ଅପଭ୍ରଂଶ ଶବ୍ଦ । ଯେଉଁଠାରେ ପ୍ରଭୁଙ୍କର ନବକଳେବରରେ

ଗୋଲକ ଗମନ ସମାଧି ଲୀଳା ଅନୁଷ୍ଠିତ ହୁଏ, ସେ ସ୍ଥାନ ଦର୍ଶନରେ କୈବଲ୍ୟ ମୁକତି ମିଳେ । ତେଣୁ ଏହା କୈବଲ୍ୟ ବୈକୁଣ୍ଠ ନାମରେ ଖ୍ୟାତ । କୈବଲ୍ୟ ବୈକୁଣ୍ଠର ଅପର ନାମ ଦେବଶ୍ମଶାନ । ଏହାର ପୂର୍ବରେ ବୈକୁଣ୍ଠେଶ୍ୱର ଶିବ ଓ ବିଷ୍ଣୁ ରହିଛନ୍ତି । ଏହି ପବିତ୍ରତମ ସମାଧି ଭୂମିର ପ୍ରହରୀ ତପସ୍ୱୀ ହନୁମାନ ଅଟନ୍ତି । ଏହି ମହାନ୍ ଭୂମିର ପୁରାତନ ମୂର୍ତ୍ତି ଗୋଲକ ଲୀଳା କରନ୍ତି । ରାତ୍ରିରେ ଏହି ସ୍ଥାନକୁ ଯିବାର ବାରଣ ରହିଅଛି । ପୂର୍ବୋକ୍ତ ନୀଳମଣି ପୁରାଣର ଉକ୍ତି ହେଉଛି -

**ନ ନିଶାୟାଂ ନଗନ୍ତବ୍ୟଂ ମମ ନିର୍ବାଣମାଳୟେ**
**ଇନ୍ଦ୍ରାଦି ଦେବତା ସର୍ବେ କୁର୍ବନ୍ତି ଦର୍ଶନଂ ମମ ॥**
**କୈବଲ୍ୟ ଭୂମିସ ଖ୍ୟାତଂ ଦର୍ଶନାତ୍ ମୁକ୍ତି ନିର୍ଣ୍ଣିତଂ**
**ସଭକ୍ତ୍ୟା ଦର୍ଶୟନ୍ ତତ୍ର ବୈକୁଣ୍ଠାଧିତା ଭକ୍ତିତଃ ॥**

ତେଣୁ ରାତ୍ରି ହେଲାମାତ୍ରେ ଦେବଯାନ ମାର୍ଗ ବା ଉତ୍ତର ଦ୍ୱାର ବନ୍ଦ ହୋଇଯିବ । ଏହାକୁ ସାଧାରଣରେ ଲୋକମାନେ ଦର୍ଶନ କରୁନଥିଲେ । ଗୋପନୀୟ ଶିଆଳି ଲଟା ଏଠାରେ ରହିଛି ।

**୪. ଜଗନ୍ନାଥଙ୍କ ସିଂହାସନ ଥିବା ସ୍ଥାନରେ ଶାଳଗ୍ରାମ ଥିବାର ସତ୍ୟ କି ?**

କେତେକ କହନ୍ତି ଜଗନ୍ନାଥଙ୍କ ପୋଖରୀଆରେ ଲକ୍ଷେ ଶାଳଗ୍ରାମ ପୋତା ହୋଇଛନ୍ତି, ସେଠାକୁ ଯିବା ଅନୁଚିତ । ଏହା ସମ୍ପୂର୍ଣ୍ଣ ଅଶାସ୍ତ୍ରୀୟ । ଯେଉଁ ସ୍ଥାନରେ ଅହ୍ନଣିଆ ଭୋଗ ବଢ଼ାଯାଏ, ତାହା ତଳେ ବିଷ୍ଣୁ ଶିଳା ରହିବା ଅସମ୍ଭବ ।

**ବିଷ୍ଣୁଶିଳାସମାବେଶେ ଦ୍ରବ୍ୟାଃ କୈବଲ୍ୟତାଂ ଗତାଃ ।**

ଶାଳଗ୍ରାମରେ ଛୁଆଁଇ ଦେଲେ କୌଣସି ଦ୍ରବ୍ୟ ପ୍ରସାଦ ହୋଇଯାଏ । ତେଣୁ ନୈବେଦ୍ୟ ସ୍ଥଳରେ ଶାଳଗ୍ରାମ ଶିଳା ରହି ନପାରନ୍ତି । ପରନ୍ତୁ ନିଶ୍ଚିତ ଯେ, ସିଂହାସନ ଉପରେ ଥିବା ପିଣ୍ଡିକା ତଳେ ଶାଳଗ୍ରାମ ଶିଳା ରହିଛନ୍ତି । ତେଣୁ ଚକା ବା ପିଣ୍ଡିକାରେ ପାଦ ବାଜିଯିବା ପ୍ରତି ସେବକଗଣ ସାବଧାନ ଥା'ନ୍ତି । ସିଂହାସନ ଉପରକୁ ମାର୍ଜନୀରେ ମାର୍ଜନା କରାଯାଏ ନାହିଁ । ଶାଳଗ୍ରାମ ଶିଳା ଯଦି ଏହି ସବୁ ସ୍ଥାନରେ ଥାଆନ୍ତା, ସେବକ କିପରି ସେ ସ୍ଥାନରେ ପାଦ ଦିଅନ୍ତେ । ଶ୍ରୀମଦ୍‌ଭାଗବତ ୧୨ଶ ସ୍କନ୍ଧରେ କୁହାଯାଇଛି- ଏହି ସ୍ଥାନର ନାମ ''କକୁଦ୍ ପୃଥିବ୍ୟାଂ'' ଅର୍ଥାତ୍ ପୃଥିବୀର ଚୂଳ, ଯାହା ମହାପ୍ରଳୟରେ ମଧ୍ୟ ନଷ୍ଟ ହୁଏ ନାହିଁ । ଏହି ପବିତ୍ରତମ ବେଦୀରେ ଗୋଡ଼ ନ ବଜାଇ ଭକ୍ତିର ସହିତ ତାହାଙ୍କୁ ପରିକ୍ରମା କରିବା ବିଧେୟ ।

**ରତ୍ନସିଂହାସନଂ ଦିବ୍ୟଂ ବିଷ୍ଣୁଶିଳୋପମଂ ପରଂ**
**ତଦାଗ୍ରିଂ ସ୍ପର୍ଶନେ ପୁଣ୍ୟାଃ ବିନଶ୍ୟନ୍ତି ପଦେ ପଦେ**
**ଭକ୍ତ୍ୟା ପ୍ରଦକ୍ଷିଣଂ କୁର୍ଯ୍ୟାତ୍ ସ୍ମରଣେ ନାମ ଯତ୍ନତଃ**
**କୋଟିତୀର୍ଥଫଳଂ ତସ୍ୟ ଲଭନ୍ତେ ମାନବା ଧ୍ରୁବମ୍ ।**

ମୁକ୍ତି ଚିନ୍ତାମଣି

**୫. ରଥଯାତ୍ରାର ମୌଳିକ ହେତୁ କ'ଣ ?**

ରଥଯାତ୍ରାର ମୂଳ କାରଣ ଦାରୁବ୍ରହ୍ମଙ୍କୁ ଯଜ୍ଞଶାଳା ବା ଗୁଣ୍ଡିଚା ଘରକୁ ନେବା । ଆଷାଢ଼ ଶୁକ୍ଳ ଦ୍ୱିତୀୟା ପୁଷ୍ୟା ନକ୍ଷତ୍ର ଯୋଗରେ ଗୁଣ୍ଡିଚା ଯାତ୍ରା ହୁଏ । ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ତାଙ୍କର କୁଳ ଲୋପ ହେଉ, ଏ ବର ମାଗିବାରୁ ତାଙ୍କର ରାଣୀଙ୍କର ଦୁଃଖହରଣ ପାଇଁ ତାଙ୍କରି ନାମରେ ଏ ଯାତ୍ରା ହେଲା ବୋଲି ଲୋକସାହିତ୍ୟ କହନ୍ତି । ସମ୍ପୂର୍ଣ୍ଣ ଗୁଣ୍ଡିଚା ଯାତ୍ରା ସ୍ନାନ ପୂର୍ଣ୍ଣିମା ଠାରୁ ଶୟନ ପୂର୍ଣ୍ଣିମା ପର୍ଯ୍ୟନ୍ତ ବ୍ୟାପ୍ତ । ତାହା ମଧ୍ୟରେ ଜ୍ୟେଷ୍ଠ ପୂର୍ଣ୍ଣିମା ଠାରୁ ଆଷାଢ଼ ଅମାବାସ୍ୟା ପର୍ଯ୍ୟନ୍ତ ଶାବର ପୂଜା ବା ଗୁପ୍ତ ପୂଜା ହୁଏ । ଏହାର ଅପର ନାମ ଅନବସର ଅଟେ । ଏହି ସମୟରେ ଶାବର ଭାବରେ ପୂଜା ମନ୍ତ୍ରହୀନ ଭାବରେ ଆଚରିତ ହୁଏ । ଯାତ୍ରାଦିନ ଠାରୁ ସାତଦିନ ପର୍ଯ୍ୟନ୍ତ ଯଜ୍ଞଶାଳାରେ 'ସପ୍ତାହୁତି ପୂଜା', ତା'ପରେ ଆଷାଢ଼ ଶୁକ୍ଳ ନବମୀରେ 'ଇନ୍ଦ୍ରଦ୍ୟୁମ୍ନ ମହୋତ୍ସବ', ଦଶମୀ ଦିନଠାରୁ ତ୍ରୟୋଦଶୀ ବା ପୂର୍ଣ୍ଣିମା ଯାଏଁ 'ଦକ୍ଷିଣମୁଖ ଉତ୍ସବ' ଓ ତା'ପରେ ପୁନର୍ବାର ପିଣ୍ଡି ବିଜେ । ରଥଯାତ୍ରାର କାରଣ ହେଲା, ପ୍ରତିଷ୍ଠା ପରଦିନ ନଗର ଭ୍ରମଣ ବିଧି ବୈଦିକ ପରମ୍ପରା ଅଟେ । ସେହି ନଗର ଭ୍ରମଣ ବିଧି ଉପରେ ହିଁ ରଥଯାତ୍ରା ପ୍ରତିଷ୍ଠିତ । ସେହି ଅନୁସାରେ ନଗର ଭ୍ରମଣ ହିଁ ବାହୁଡ଼ା ଯାତ୍ରା, ପିଣ୍ଡି ଆରୋହଣ ନୀଳାଦ୍ରି ବିଜେ ଅଟେ । ଏହା ସମ୍ପୂର୍ଣ୍ଣ ଆପ୍ତ ଜନୋପଦିଷ୍ଟ ପାରମ୍ପରିକ କ୍ରମ ଅଟେ । କର୍ମକାଣ୍ଡର ଅନ୍ତର୍ଗତ 'ବ୍ରହ୍ମୋତ୍ସବ' ଏହାର ନାମ । ଭାରତର ପ୍ରତ୍ୟେକ ମନ୍ଦିରରେ ବ୍ରହ୍ମ ଉତ୍ସବ ଅନୁଷ୍ଠିତ ହୁଏ । ସେଦିନ ଦେବତାମାନେ ସ୍ୱ ସ୍ୱ ଅନୁରୂପ ଯାନବାହନରେ ନଗର ଭ୍ରମଣ କରନ୍ତି । ଜଗନ୍ନାଥ ଦାରୁବ୍ରହ୍ମ, ବ୍ରହ୍ମର ଯାନ ରଥ । ତେଣୁ ଜଗନ୍ନାଥ ଯେତେବେଳେ ବ୍ରହ୍ମ ଉତ୍ସବ କରନ୍ତି, ରଥରେ ହିଁ କରନ୍ତି । ଏହାହିଁ ବିଶ୍ୱର ସର୍ବପ୍ରାଚୀନ ଯାତ୍ରା ଅଟେ ।

❑❑❑

**ପଥୁରୀଆ ସାହି, ପୁରୀ**